# ନୈତିକତାର ନୂଆ ପରିଭାଷା

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ସ୍ୱାସ୍ଥ୍ୟ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ତା' ଗ୍ରହଣ କରିବାକୁ ରାଜ୍ୟପାଳଙ୍କୁ ସୁପାରିସ କରିଛନ୍ତି ବୋଲି ଘୋଷଣା କରିଛନ୍ତି। ଲକ୍ଷ୍ୟ କରିବାର କଥା ନୈତିକ ଦାୟିତ୍ୱ ଭଳି ଗୁରୁତ୍ୱପୂର୍ଣ୍ଣ କଥାଟିକୁ ନିଜ ତରଫରୁ ଘୋଷଣା କରିବାକୁ ମନ୍ତ୍ରୀ ମହୋଦୟଙ୍କୁ ସୁଯୋଗ ଦିଆଗଲା ନାହିଁ, ସବୁ ଶ୍ରେୟ ନବୀନ ବାବୁଙ୍କୁ ଗଲା। ଭଲ କଥା, ବିଳମ୍ବରେ ହେଲେ ମଧ୍ୟ ଦୀର୍ଘ ବର୍ଷର ବ୍ୟବଧାନରେ ନୈତିକ ଦାୟିତ୍ୱ ପ୍ରସଙ୍ଗ ଏବେ ଚର୍ଚ୍ଚାକୁ ଆସିଲା। ତେବେ, ଏ ନୈତିକ ଦାୟିତ୍ୱଟି କ'ଣ? କିଏ କେତେବେଳେ ଏହାର ମାନ ନିର୍ଦ୍ଧାରଣ କରିବ? ଅତନୁ ବାବୁଙ୍କ କ୍ଷେତ୍ରରେ ଏ ନୈତିକ ଦାୟିତ୍ୱ କଥାଟି କାହା ମନକୁ କେତେବେଳେ ଆସିଲା? କାହିଁକି ଆସିଲା? ସମ୍ ହସ୍‌ପିଟାଲ ଅଗ୍ନିକାଣ୍ଡ ଓ ପଚିଶ ଜଣଙ୍କ ମୃତ୍ୟୁକୁ କ'ଣ ଏହା ଅପେକ୍ଷା କରି ରହିଥିଲା ନା ଜାତୀୟ ଗଣମାଧ୍ୟମର ସମାଲୋଚନା ପରିପ୍ରେକ୍ଷୀରେ ଭାବମୂର୍ତ୍ତି ନଷ୍ଟ ହୋଇଯିବାର ଭୟ ଏପରି କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ବାଧ କଲା? ଆମ ବିଚାରରେ ନୈତିକତାର ପ୍ରସଙ୍ଗ ଏକ ଆପେକ୍ଷିକ ଏବଂ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର। ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ବାବୁ ଏ ସମ୍ପର୍କରେ ନିଜର ବିଚାର ନିଜେ କରିବା କଥା। ନୈତିକତା ଏକ ବ୍ୟକ୍ତିଗତ ବ୍ୟାପାର ହୋଇଥିବାରୁ ଏଥିରେ ବାଧବାଧକତାର ସ୍ଥାନ ନାହିଁ।

ବିଭିନ୍ନ କାରଣରୁ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ଆଜି ବିପନ୍ନ। ଅତନୁ ବାବୁଙ୍କ ବଦଳରେ ଆଉ କିଏ ଥିଲେ ଯେ ଏଭଳି ହୋଇ ନ ଥାନ୍ତା ଏକଥା ଜୋର୍ ଦେଇ କହିହେବ ନାହିଁ। ଅର୍ଥାଭାବ, ପ୍ରାଶାସନିକ ଅବହେଳା, ଡାକ୍ତର ଓ କର୍ମଚାରୀଙ୍କ ଘୋର ଅଭାବ, ସର୍ବୋପରି ଦୁର୍ନୀତି ଆମ ସ୍ୱାସ୍ଥ୍ୟସେବାକୁ ଆଜି ବିପର୍ଯ୍ୟସ୍ତ କରିଦେଇଛି। ଏହାର ସୁଯୋଗ ନେଇ ବେସରକାରୀ ଅନୁଷ୍ଠାନ ଗୁଡ଼ିକ ମୁଣ୍ଡଟେକି ଉଠିଛନ୍ତି। ଏଭଳି ଏକ ସ୍ପର୍ଶକାତର ସେବାରେ ଯେଉଁଭଳି ସତର୍କତା ଅବଲମ୍ବନ କରାଯିବା କଥା ତାହା କରାଯାଉ ନାହିଁ। ଅନେକ ସମୟରେ ସରକାର ଜାଣିଶୁଣି ଅନେକ ନୀତିନିୟମର ଉଲ୍ଲଂଘନକୁ ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ନ୍ୟାୟରେ ଅଣଦେଖା କରୁଛନ୍ତି। ସମ୍ ହସ୍‌ପିଟାଲ୍ ଯେ କେବଳ ଏଭଳି ଦୋଷରେ ଦୋଷୀ ତା' ନୁହେଁ। ଓଡ଼ିଶାରେ ଶତାଧିକ ଅନୁଷ୍ଠାନ ଏଭଳି ସର୍ତ୍ତ ପୂରଣ ନକରି ଚାଲୁଛନ୍ତି। ସରକାର ଜାଣିଛନ୍ତି ଏବଂ ବରଦାସ୍ତ କରୁଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ରିହାତି ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି। ଉଚ୍ଚ ନ୍ୟାୟାଳୟ ମଧ୍ୟ ଅନେକଙ୍କ କ୍ଷେତ୍ରରେ ରହିତାଦେଶ ଦେଇଛନ୍ତି। ନୀତି ନିୟମକୁ ଆମେ ସମୂହ ସ୍ୱାର୍ଥ ଦୃଷ୍ଟିରୁ କେତେ ବାଟ ପର୍ଯ୍ୟନ୍ତ ପାଳିବା ଏବଂ କେଉଁ ପରିସ୍ଥିତିରେ ଏହାର ଉଲ୍ଲଂଘନକୁ ବରଦାସ୍ତ କରିବା ଏହା ହିଁ ଅସଲ ପ୍ରଶ୍ନ। ଏ ଲକ୍ଷ୍ମଣରେଖାକୁ କିଏ ଟାଣିବ? ସମ୍ ହସ୍‌ପିଟାଲ୍ ଏକ ସଫଳ ଏବଂ ବଡ଼ ଅନୁଷ୍ଠାନ। ସ୍ୱାଭାବିକ ଭାବରେ ଡେଙ୍ଗା ମୁଣ୍ଡରେ ଠେଙ୍ଗା ଭଳି ଯେକୌଣସି ବ୍ୟତିକ୍ରମ ଅଧିକ ଦୃଷ୍ଟି ଆକର୍ଷଣ କରିବ। ତିରୋଟ ପରିସ୍ଥିତିରେ ମୁଁ ଅତ୍ୟାବଶ୍ୟକ ସେବା ଯୋଗାଉଛି ବୋଲି ଯେ ନିୟମ ଉଲ୍ଲଂଘନ କରିବାର ମୋର ଅଧିକାର ଅଛି, ଏଭଳି ଭାବିବା ଆଦୌ ଠିକ୍ ନୁହେଁ। ଆମ ବ୍ୟବସ୍ଥା ଏଭଳି ଅହଂକାରର ଶିକାର ହୋଇ ଆଜି ଭୁଶୁଡ଼ି ଯିବାକୁ ବସିଛି। ନୈତିକ ଦାୟିତ୍ୱ କଥା ବିଚାର କଲାବେଳେ ଆଉ ଗୋଟିଏ କଥାକୁ ଲକ୍ଷ୍ୟ କରିବାର ଆବଶ୍ୟକତା ଅଛି। ନୈତିକତା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର ହୋଇଥିଲା ବେଳେ ଦାୟିତ୍ୱ ଏକ ଆନୁଷ୍ଠାନିକ ବ୍ୟାପାର ଏବଂ ଏହା ନୀତିନିୟମ ଉପରେ ନିର୍ଭର କରେ। ଓଡ଼ିଶାର ସ୍ୱାସ୍ଥ୍ୟସେବାରେ ବର୍ତ୍ତମାନ ଦେଖା ଦେଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଯଦି କୌଣସି ନିୟମର ପରିବର୍ତ୍ତନ ଆବଶ୍ୟକ ମନେ ହେଉଛି ତାହା କରାଯାଉ। କିନ୍ତୁ, କିଛି ଲୋକଙ୍କ କ୍ଷେତ୍ରରେ ନିୟମ ଲାଗୁହେବ, ଆଉ କିଛି ଲୋକଙ୍କୁ ସାତ ଖୁଣ ମାଫ୍ ହେବ ଏହା ଆଦୌ ଗ୍ରହଣୀୟ ହେଉନାହିଁ। ଆନୁଷ୍ଠାନିକ ଦାୟିତ୍ୱଟି ବ୍ୟକ୍ତିଗତ ବିଚାର ଉପରେ ନିର୍ଭରଶୀଳ ନୁହେଁ। ମୁଁ ନୈତିକ ଦାୟିତ୍ୱରୁ ଦୂରେଇ ଯାଇପାରେ କିନ୍ତୁ ଆନୁଷ୍ଠାନିକ ଦାୟିତ୍ୱରୁ ମୁକୁଳିବା ଆଦୌ ସମ୍ଭବ ନୁହେଁ। ଅନୁଷ୍ଠାନ ତିଆରି ହୁଏ ମଣିଷର ଏକ ସହଜାତ ପ୍ରବୃତ୍ତିରୁ। ତା' ହେଉଛି ନିୟମ ମାନିବାର ଅଭ୍ୟାସ। ହାତୀ, ପକ୍ଷୀ, ପିମ୍ପୁଡ଼ି ସମସ୍ତେ ନିୟମ ମାନନ୍ତି। ଆଜିର ମଣିଷ କିନ୍ତୁ ସହଜାତ ପ୍ରବୃତ୍ତି ବିରୋଧୀ ଆଚରଣ ପ୍ରଦର୍ଶନ କରୁଛି। ନିୟମ ମାନିବା ବଦଳରେ ନିୟମ ଭାଙ୍ଗିବା ସଫଳତାର ନୂଆ ମାପକାଠି ହୋଇଛି। କ୍ଷମତାସୀନ ଅହଂକାରୀ ବ୍ୟକ୍ତି ନିୟମ ଭାଙ୍ଗିବାଟାକୁ ନିଜର ଅଧିକାର ଓ କ୍ଷମତା ବୋଲି ଭାବି ନେଇଛନ୍ତି। ଏହାହିଁ ଆମ ଅନୁଷ୍ଠାନମାନଙ୍କର ଅବକ୍ଷୟର ପ୍ରଧାନ କାରଣ ହୋଇଛି। ଆମର ମୁଖ୍ୟମନ୍ତ୍ରୀ ସବୁବେଳେ ଜୋର୍ ଦେଇ କହୁଥିଲେ ଆଇନ ତା' ବାଟରେ ଯିବ। ଓଡ଼ିଶାରେ ଆଇନ କ'ଣ ତା' ବାଟରେ ଯାଉଛି? ଆଇନ୍‌ର ବାଟ ଓଗାଳୁଛି କିଏ? ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ମନ୍ତ୍ର ହେଲା ଉତ୍ତରଦାୟିତ୍ୱ। ଉତ୍ତରଦାୟିତ୍ୱ ବିନା ଗଣତନ୍ତ୍ର ତା'ର ସବୁ ମୂଲ୍ୟ ହରାଇବ। ନିର୍ବାଚନ ପରେ ଏ ଉତ୍ତରଦାୟିତ୍ୱକୁ ଆଦାୟ କରିବା ପାଇଁ ଆମ ସମ୍ବିଧାନ ଓ ନାଗରିକ ସମାଜରେ ଅନେକ ବ୍ୟବସ୍ଥା ଅଛି। ଗଣମାଧ୍ୟମର ମଧ୍ୟ ଏଥିରେ ଏକ ପ୍ରମୁଖ ଭୂମିକା ରହିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ କିମ୍ବା ଅତନୁ ବାବୁ ଆଉ ନୈତିକତାର କଥା କୁହନ୍ତୁ ନାହିଁ ବରଂ ଦାୟିତ୍ୱ ପ୍ରତି ସଚେତନ ରୁହନ୍ତୁ। ନିରଙ୍କୁଶ ସଂଖ୍ୟାଗରିଷ୍ଠତାର ଅହଂକାର ଛାଡ଼ନ୍ତୁ। ସମ୍ ହସ୍‌ପିଟାଲ୍ ଅଗ୍ନିକାଣ୍ଡ ବ୍ୟାପାରରେ ଅତନୁ ବାବୁଙ୍କୁ ବଳି ଚଢ଼ାଇ ନୈତିକତାର କଥା କହି ବାଜିମାତ୍ କରିବାର ଚେଷ୍ଟା ନ କରନ୍ତୁ। ବିଭିନ୍ନ ଅଘଟଣରେ ପ୍ରାଣ ହରାଇଥିବା ଅମର ଆତ୍ମାମାନଙ୍କ ପ୍ରତି ଏହା ଅସମ୍ମାନ ହେବ। ସମୁଦାୟ ବ୍ୟାପାରରେ ମୁଖ୍ୟମନ୍ତ୍ରୀଙ୍କର କ'ଣ କିଛି ଦାୟିତ୍ୱ ନାହିଁ। ତାଙ୍କ ଅଧୀନରେ ଥିବା ବିଭାଗ ଗୁଡ଼ିକ କ'ଣ ସବୁ ଠିକ୍ ଚାଲିଛି? ସମ୍ ହସ୍‌ପିଟାଲ୍ ଅଗ୍ନିକାଣ୍ଡରେ ଅଗ୍ନିଶମ ଓ ଗୃହ ବିଭାଗର କ'ଣ କିଛି ଦାୟିତ୍ୱ ନାହିଁ? ମହାନଦୀ ଜଳ ବିବାଦ ପ୍ରସଙ୍ଗରେ କେଉଁ ବିଭାଗ ଦାୟୀ? ଜଳସେଚନ ଓ ପୂର୍ତ୍ତ ବିଭାଗର ଦୁର୍ନୀତି ଯେଉଁ ସ୍ତରରେ ପହଞ୍ଚିଲାଣି ତା' କଳ୍ପନା କରି ହେଉ ନାହିଁ। ଏସବୁର ଦାୟିତ୍ୱ କାହା ମୁଣ୍ଡରେ ଯିବ? ପ୍ରାୟ ସବୁ ବିଭାଗରେ ପ୍ରାଶାସନିକ ଅବହେଳା ଓ ଦାୟିତ୍ୱହୀନତାର ନମୁନା ଉଣା ଅଧିକେ ଦେଖିବାକୁ ମିଳୁଛି। ନଗଡ଼ା ଅପପୁଷ୍ଟି ପାଇଁ କେଉଁ ବିଭାଗ ଦାୟୀ? ଆମ ପିଲାମାନଙ୍କର ସ୍କୁଲ୍ ବହି ଛପା ହୋଇ ପାରିଲା ନାହିଁ । ଏଥିପାଇଁ ଆମେ କାହାକୁ ଦାୟୀ କରିବା। ଦୁଇ ଶହରୁ ଉର୍ଦ୍ଧ୍ୱ ଚାଷୀ ଆତ୍ମହତ୍ୟା କଲେ, କିନ୍ତୁ ସରକାର ମାନିବାକୁ ପ୍ରସ୍ତୁତ ନୁହନ୍ତି। କ୍ରପ୍ କଟିଂ ରିପୋର୍ଟ ଯାଇନାହିଁ ବୋଲି ଦୁଇବର୍ଷ ତଳର ଖରିଫ୍ ଫସଲହାନିର କ୍ଷତିପୂରଣ ଏଯାଏଁ ମିଳିନାହିଁ। ଏଥିପାଇଁ କାହାକୁ ଦାୟୀ କରିବା? କହି ବସିଲେ ଚିଠା ଲମ୍ବା ହେବ ସିନା ରାଜନୀତିକ ନେତୃତ୍ୱ ଉତ୍ତରଦାୟିତ୍ୱ ନେବା ପାଇଁ ପ୍ରସ୍ତୁତ ହେବେନାହିଁ। ଏଭଳି ଅବସ୍ଥାର ପ୍ରଧାନ କାରଣ ହେଲା ଆମ ବ୍ୟବସ୍ଥାରେ ମୁଣ୍ଡ ଟେକୁଥିବା ଏକ ବିରୋଧାଭାସ। ମାନ୍ୟବର ମୁଖ୍ୟମନ୍ତ୍ରୀ ମୁଷ୍ଟିମେୟ ପ୍ରଶାସକଙ୍କୁ ପ୍ରାଧାନ୍ୟ ଦେଇ ଶାସନ କରୁଛନ୍ତି। ରାଜନୈତିକ ଉତ୍ତର ଦାୟିତ୍ୱକୁ ଗୌଣ କରିଛନ୍ତି। ସଂଖ୍ୟାଖେଳରେ ଶାସନ କ୍ଷମତାକୁ ଆସିବାକୁ ହେଲେ, ଭୋଟ କିଣା କୌଶଳଟିକୁ ସେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସଂଖ୍ୟା ନ୍ୟୂନ ହେଲେ ମଧ୍ୟ ନାଗରିକ ସମାଜର ଯେଉଁ ବର୍ଗଗୁଡ଼ିକ ରାଜନୈତିକ ଉତ୍ତରଦାୟିତ୍ୱ ଚରିତାର୍ଥ କରିବାରେ ସମର୍ଥ ହୁଅନ୍ତେ ସେମାନଙ୍କୁ ଆଦୌ ଗୁରୁତ୍ୱ ଦେଉ ନାହାନ୍ତି। ଓଡ଼ିଶାର ସ୍ପର୍ଶକାତର ସମସ୍ୟାଗୁଡ଼ିକ ସହିତ ମୁଖ୍ୟମନ୍ତ୍ରୀଙ୍କର ସମ୍ପୃକ୍ତି ଆଦୌ ନାହିଁ କହିଲେ ଚଳେ। ଆମକୁ ଯେଉଁ କଥାଟି ସବୁଠୁ ବେଶି ବାଧୁଛି ସେ କଥାଟି ହେଲା ମୁଖ୍ୟମନ୍ତ୍ରୀଙ୍କ ବିଚାରରେ ଇଂରାଜୀରେ କୁହାଯାଉଥିବା କଥାଗୁଡ଼ିକ ଓଡ଼ିଆରେ ପ୍ରକାଶ ପାଉଥିବା କଥାଗୁଡ଼ିକ ଅପେକ୍ଷା ଅଧିକ ସତ ଓ ଗୁରୁତ୍ୱପୂର୍ଣ୍ଣ। ତା' ନ ହୋଇଥିଲେ ଜାତୀୟ ଗଣମାଧ୍ୟମର କଟୁ ସମାଲୋଚନାର ଚବିଶ ଘଣ୍ଟା ନ ପୂରୁଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏପରି ସଚେତନ ହୋଇ ନ ଥା'ନ୍ତେ।